# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**19 September – 2025**

**News Editor : Satya Narayan Pattanaik**

*************************************

## ମୁଖ୍ୟ ସମ୍ବାଦ

- ସପ୍ତଦଶ ବିଧାନସଭାର ଦ୍ୱିତୀୟ ଦିନରେ ବିରୋଧି ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଗୃହ ମୁଲତବୀ

— ରାଜ୍ୟର ୧୭ଟି ବିଶ୍ୱବିଦ୍ୟାଳୟରେ ୧ ହଜାର ୪୦୪ଟି ଅଧ୍ୟାପକ ପଦବୀ ଖାଲି ପଡିଥିବା ନେଇ ସୂଚନା ଦେଲେ ଉଚ୍ଚଶିକ୍ଷାମନ୍ତ୍ରୀ

- ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ବଦଳି-ନିଯୁକ୍ତି ନେଇ ଖୁବ୍ ଶୀଘ୍ର ସ୍ୱତନ୍ତ୍ର ନୀତି ପ୍ରସ୍ତୁତି ସମ୍ପର୍କରେ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶ ପାଇଲା ବିଜ୍ଞପ୍ତି

- ବ୍ରହ୍ମପୁରରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଦ୍ୱିତୀୟ ଟ୍ରେନ୍‌ର ଶୁଭାରମ୍ଭ କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା

ଏବଂ

- ରାଜ୍ୟର ନିର୍ଦ୍ଦିଷ୍ଟ କାର୍ଯ୍ୟାଳୟରେ ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ କାର୍ଯ୍ୟ କରିଥିବା ରାଜସ୍ୱ କର୍ମଚାରୀଙ୍କୁ ସ୍ଥାନାନ୍ତର ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି

## ବିଧାନସଭା

ସପ୍ତଦଶ ବିଧାନସଭାର ଚତୁର୍ଥ ତଥା ମୌସୁମୀ ଅଧିବେଶନର ଦ୍ୱିତୀୟ ଦିନରେ ବିରୋଧୀ ବିଜେଡ଼ି ସଦସ୍ୟଙ୍କ ହଙ୍ଗାମା ଯୋଗୁଁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗୃହ ମୁଲତବୀ ରହିଛି । ସାର କଳାବଜାରୀ, ଏବଂ ଅଭାବ ପ୍ରସଙ୍ଗକୁ ନେଇ ବିଜେଡ଼ି ସଦସ୍ୟଙ୍କ ପକ୍ଷରୁ ଗୃହରେ ଆଜି ପ୍ରବଳ ହଙ୍ଗାମା କରାଯାଇଥିଲା । ଗୃହକାର୍ଯ୍ୟ ଆରମ୍ଭ ହେବାର ମାତ୍ର ୪ ମିନିଟ୍ ପରେ ଏଭଳି ପରିସ୍ଥିତି ଜାରି ରହିବାରୁ ବାଚସ୍ପତି ସୁରମା ପାଢ଼ୀ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଛନ୍ତି । ବ୍ୟାନର ଓ ପୋଷ୍ଟର ଆଦି ଧରି ବିଜେଡ଼ି ସଦସ୍ୟମାନେ ସାର ଅଭାବ ପ୍ରସଙ୍ଗକୁ ନେଇ ଗୃହରେ ହଙ୍ଗାମା କରିଥିଲେ। କଂଗ୍ରେସ ସଦସ୍ୟମାନେ ମଧ୍ୟ ଏହି ସମୟରେ ନିଜ ନିଜ ଆସନରେ ଛିଡ଼ାହୋଇ ରହିବାରୁ ଗୃହକାର୍ଯ୍ୟ ସମ୍ଭବ ହୋଇପାରି ନଥିଲା ।

## ବିଧାନସଭା-ବିଶ୍ୱବିଦ୍ୟାଳୟ ପଦବୀ

ରାଜ୍ୟରେ ୧୭ଟି ବିଶ୍ୱବିଦ୍ୟାଳୟରେ ୧ ହଜାର ୪୦୪ଟି ଅଧ୍ୟାପକ ପଦ ଖାଲି ପଡିଛି ବୋଲି ଆଜି ବିଧାନସଭାରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି, ୨୬୦ଟି ପ୍ରାଧ୍ୟାପକ, ୪୫୩ଟି ଆସୋସିଏଟ୍ ପ୍ରାଧ୍ୟାପକ, ୬୬୯ଟି ସହକାରୀ ପ୍ରାଧ୍ୟାପକ ପଦ ଖାଲି ପଡିଛି। ଏଥିସହ ୨ ହଜାର ୨୮୬ଟି ଅଣଶିକ୍ଷକ ପଦବୀ ଖାଲି ପଡିଛି ବୋଲି ମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି।

ରାଜ୍ୟର ବିଭିନ୍ନ ବ୍ଲକ୍‌ରେ ମୋଟ୍ ୧୦୫ଟି ଗୋଷ୍ଠି ଶିକ୍ଷା ଅଧିକାରୀ ପଦବୀ ଖାଲି ପଡିଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି । ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି, ଖୁବ୍ ଶୀଘ୍ର ଏହି ପଦବୀ ପୂରଣ ନିମନ୍ତେ ସରକାର ବିହିତ ପଦକ୍ଷେପ ଗ୍ରହଣ କରୁଛନ୍ତି ।

## ବିଧାନସଭା-୧

ରାଜ୍ୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ଯୋଗୁଁ ବନ୍ଦ ରହିଥିବା ବିଦ୍ୟାଳୟ ମଧ୍ୟରୁ ୪୬ଟି ସ୍କୁଲକୁ ସରକାର ପୁନର୍ବାର ଖୋଲିଛନ୍ତି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବିଧାନସଭାରେ ସୂଚନା ଦେଇଛନ୍ତି । ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ଢେଙ୍କାନାଳ ଜିଲ୍ଲାରେ ସର୍ବାଧିକ ୨୨ଟି ସ୍କୁଲ ଖୋଲାଯାଇଥିବାବେଳେ ଦେବଗଡ଼ ଜିଲ୍ଲାରେ ୨୦ଟି ସ୍କୁଲକୁ ଖୋଲାଯାଇଛି । ଅନ୍ୟପକ୍ଷରେ ନବରଙ୍ଗପୁର ଜିଲ୍ଲାରେ ୫ଟି ସ୍କୁଲକୁ ଖୋଲିବା ପାଇଁ ପ୍ରସ୍ତାବ ସରକାରଙ୍କ ନିକଟକୁ ଆସିଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ୨୦୨୦ ମସିହାରେ ଜାରି ବିଜ୍ଞପ୍ତି ଅନୁଯାୟୀ, ବର୍ତ୍ତମାନସୁଦ୍ଧା ରାଜ୍ୟରେ ମୋଟ୍ ୪ହଜାର ୬୧୯ଟି ପ୍ରାଥମିକ ବିଦ୍ୟାଳୟ ବନ୍ଦ ହୋଇ ରହିଛି ।

ଅନ୍ୟ ଏକ ପ୍ରଶ୍ନର ଲିଖିତ ଉତ୍ତରରେ, ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି, ଜାଲ୍ ସାର୍ଟିଫିକେଟ ଯୋଗୁଁ ଚାକିରିରୁ ୪୨୪ ଜଣ ଶିକ୍ଷକଙ୍କୁ ନିଲମ୍ବନ କରାଯାଇଛି । ବାଲେଶ୍ୱର ଜିଲ୍ଲାରେ ୨୦ ଜଣ ପ୍ରାଥମିକ ଶିକ୍ଷକ ଓ ଶିକ୍ଷୟିତ୍ରୀ ଜାଲ

ସାର୍ଟିଫିକେଟ୍ ଦେଇ ଚାକିରି କରିଥିବାବେଳେ ସେମାନଙ୍କ ମଧ୍ୟରୁ ୧୬ ଜଣଙ୍କୁ ବହିଷ୍କାର କରାଯାଇଛି । ଅନ୍ୟ ୪ ଜଣ ନ୍ୟାୟଳୟର ଦ୍ୱାରସ୍ଥ ହୋଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି ।

## ବିଧାନସଭା-ଶିକ୍ଷକ ବଦଳି-ନିଯୁକ୍ତି

ରାଜ୍ୟର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ବଦଳି-ନିଯୁକ୍ତି ନେଇ ଖୁବ୍ ଶୀଘ୍ର ସ୍ୱତନ୍ତ୍ର ନୀତି ପ୍ରସ୍ତୁତ ହେବ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ନିଜ ଜିଲ୍ଲାରେ ବା ବ୍ଲକ୍‌ରେ ନିଯୁକ୍ତି ଦିଆଯିବ ନାହିଁ । ଅତି କମ୍‌ରେ ୩ ବର୍ଷ କାର୍ଯ୍ୟ କରିବା ପରେ ବଦଳି କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ଶିକ୍ଷକ-ଶିକ୍ଷୟିତ୍ରୀମାନେ ଗୋଟିଏ ସ୍ଥାନରେ ୬ ବର୍ଷରୁ ଅଧିକ ସମୟ ରହିପାରିବେ ନାହିଁ । ତେବେ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବଦଳି ସମୟସୀମାକୁ ୧ବର୍ଷ ହ୍ରାସ କରାଯାଇଛି । ଅନ୍ୟ ଜିଲ୍ଲାରେ ୧୦ ବର୍ଷ ପୂରଣ କରିଥିଲେ ସେମାନଙ୍କୁ ଅବିଭକ୍ତ କେବିକେ ସମେତ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ନିଯୁକ୍ତି ଦିଆଯିବ । ବାର୍ଷିକ ବଦଳି ଏପ୍ରିଲ ମାସ ୧୫ ତାରିଖରୁ ଜୁନ୍ ମାସ ୧୫ ତାରିଖ ମଧ୍ୟରେ ହେବ । ଦମ୍ପତ୍ତି ସରକାରୀ କର୍ମଚାରୀ ହୋଇଥିଲେ ନିକଟ ଅଞ୍ଚଳରେ ନିଯୁକ୍ତି ମିଳିବ । ଅବସର ପାଇଁ ୨ ବର୍ଷ ଥିଲେ ଯେଉଁ ଜାଗାରେ ନିଯୁକ୍ତ ଅଛନ୍ତି ସେଠାରେ ରହିପାରିବେ କିମ୍ବା ନିଜ ଜିଲ୍ଲାକୁ ବଦଳି ହୋଇପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

## ତୀର୍ଥଯାତ୍ରା ଯୋଜନା

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆଜି ବ୍ରହ୍ମପୁର ସହରରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଦ୍ୱିତୀୟ ଟ୍ରେନ୍‌ର  ଶୁଭାରମ୍ଭ କରିଛନ୍ତି । ଅଯୋଧ୍ୟା ଓ

ବାରଣାସୀ ଅଭିମୁଖେ ମୋଟ୍ ୭୭୫ ଜଣ ତୀର୍ଥଯାତ୍ରୀଙ୍କ ସହ ୨୫ ଜଣ ଏସ୍କର୍ଟ ଅଧିକାରୀ ଯାତ୍ରା କରିଛନ୍ତି। ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ ଏବଂ ନୟାଗଡ଼ ଜିଲ୍ଲାର ବରିଷ୍ଠ ନାଗରିକମାନଙ୍କୁ ନେଇ ଆଜି ଏହି ଟ୍ରେନ୍ ତୀର୍ଥଯାତ୍ରାରେ ବାହାରିଛି। ବରିଷ୍ଠ ନାଗରିକମାନଙ୍କର ତୀର୍ଥଯାତ୍ରା ଅଭିଳାଷ ପୂରଣ କରୁଥିବା ଏହି ଯୋଜନା ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ କେନ୍ଦ୍ର ସରକାରଙ୍କ ପର୍ଯ୍ୟଟନ ବିଭାଗ ସହଭାଗିତାରେ କାର୍ଯ୍ୟକାରୀ ହେଉଛି।

## ବିଧାନସଭା-ରାଜସ୍ୱ କର୍ମଚାରୀ ସ୍ଥାନାନ୍ତର

ରାଜ୍ୟର ନିର୍ଦ୍ଦିଷ୍ଟ କାର୍ଯ୍ୟାଳୟରେ ୩ ବର୍ଷରୁ ଅଧିକ ସମୟ କାର୍ଯ୍ୟ କରିଥିବା ରାଜସ୍ୱ କର୍ମଚାରୀଙ୍କୁ ସ୍ଥାନାନ୍ତର ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ରାଜସ୍ୱ ବିଭାଗ ଅତିରିକ୍ତ ସଚିବ ସମସ୍ତ ଜିଲ୍ଲାପାଳଙ୍କୁ ଏ ସମ୍ପର୍କରେ ଚିଠି ମାଧ୍ୟମରେ ଅବଗତ କରାଇବା ସହ ୧୫ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବଦଳି ନିୟମକୁ ଠିକ୍ ଭାବରେ ପାଳନ ହେଉ ନଥିବାରୁ ବିଭାଗ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଯାହା, ଦୁର୍ନୀତି ଓ ସରକାରୀ କାର୍ଯ୍ୟରେ ଅବହେଳା ବୃଦ୍ଧିର ମୁଖ୍ୟ କାରଣ ବୋଲି ସଚିବ କହିଛନ୍ତି।

## ଜିଏସ୍‌ଟି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ସ୍ୱାଧୀନତା ଦିବସ ପାଳନ ଅବସରରେ ଲାଲକିଲ୍ଲା ପ୍ରାଚୀରରୁ ପରବର୍ତ୍ତୀ ପିଢ଼ି ଜିଏସ୍‌ଟି ସଂସ୍କାର ନେଇ ଘୋଷଣା କରିଥିଲେ।  ଜିଏସଟି ପରିଷଦ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ଆଧାରିତ ଜିଏସଟି ସଂସ୍କାର ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

ପରବର୍ତ୍ତୀ ପିଢ଼ି ଜିଏସ୍‌ଟି ସଂସ୍କାରରେ କୃଷି ଉପକରଣ ଏବଂ ଅଟୋମୋବାଇଲ୍ କ୍ଷେତ୍ରରେ ବିଭିନ୍ନ ଯନ୍ତ୍ରାଂଶ ଉପରେ ଜିଏସ୍‌ଟି ଦରକୁ ହ୍ରାସ କରାଯାଇଛି। ଏହି ପଦକ୍ଷେପ ଅଟୋମୋବାଇଲ୍ କ୍ଷେତ୍ରରେ ସମୃଦ୍ଧି ଆଣିବା ସହ ଏହା ସହ ସମ୍ପୃକ୍ତ ବିଭିନ୍ନ କ୍ଷେତ୍ର ଯଥା- ଟାୟାର, ବ୍ୟାଟେରୀ, ଗ୍ଲାସ୍, ଷ୍ଟିଲ୍, ପ୍ଲାଷ୍ଟିକ୍ ଏବଂ ଇଲେକ୍‌ଟ୍ରୋନିକ୍ସ ଶିଳ୍ପରେ ଉନ୍ନତି ଆଣିବ। ଦର ହ୍ରାସ, ପୁରୁଣା ଗାଡ଼ିର ପରିବର୍ତ୍ତନକୁ ସହଜ କରିବା ସହ ଏକ ସବୁଜ ଏବଂ ସୁସ୍ଥ ପରିବେଶକୁ ପ୍ରୋତ୍ସାହିତ କରିବ। ପରିବର୍ତ୍ତୀ ପିଢ଼ି ଜିଏସ୍‌ଟି ସଂସ୍କାର ଆସନ୍ତା ୨୨ ତାରିଖରୁ କାର୍ଯ୍ୟକାରୀ ହେବ ।

# ସେବା ପର୍ବ – ଆଦିବାସୀ ସଶକ୍ତୀକରଣ

**Seba Parba Opening**

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ର ଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବାପର୍ବରେ କେନ୍ଦ୍ର ସରକାରଙ୍କ ଜନଜାତି ସଂପ୍ରଦାୟ ସଶକ୍ତୀକରଣ ଦିଗରେ ଗ୍ରହଣ କରିଥିବା ପଦକ୍ଷେପ ସଂପର୍କରେ ଆସନ୍ତୁ ଶୁଣିବା ଏକ ରିପୋର୍ଟ...........

ଦେଶରେ ଜନଜାତି ସଂପ୍ରଦାୟ ଏବେ ସଶକ୍ତ ହେବା ସହ ସେମାନଙ୍କର ଜୀବନଧାରଣ ମାନ ଉନ୍ନତ ହୋଇଛି । ବିଶ୍ୱର ଏକ ବିବିଧ ଜନଜାତି ସଂପ୍ରଦାୟଙ୍କ ରାଷ୍ଟ୍ର ହେଉଛି ଭାରତ । ୧୦ କୋଟି ୪୫ ଲକ୍ଷରୁ

ଅଧିକ ଜନଜାତି ବର୍ଗର ନାଗରିକ ରହିଛନ୍ତି, ଯାହାକି  ଦେଶର ମୋଟ୍ ଜନସଂଖ୍ୟାର ପ୍ରାୟ ୮ ଦଶମିକ ୬ ପ୍ରତିଶତ। ଶ୍ରୀ ମୋଦୀଙ୍କ ନେତୃତ୍ୱରେ ଜନଜାତି ସଂପ୍ରଦାୟ ସଶକ୍ତିକରଣ ଦିଗରେ ଏକ ସ୍ପଷ୍ଟ ଏବଂ ସୁଚିନ୍ତିତ ପରିବର୍ତ୍ତନ ହୋଇଛି ।

***Voice (PM - Janajatia Gaurab Divas)…***

ଗତ ଦଶନ୍ଧି ମଧ୍ୟରେ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ବଜେଟ୍ ୩ ଗୁଣ ବୃଦ୍ଧି ପାଇଛି । ୨୦୧୩-୧୪ରେ ବଜେଟର ପରିମାଣ ପ୍ରାୟ ୪ ହଜାର ୩୦୦ କୋଟି ଟଙ୍କା ଥିବା ବେଳେ ୨୦୨୪-୨୫ ଆର୍ଥିକବର୍ଷରେ ଏହା ୧୩ ହଜାର କୋଟି ଟଙ୍କାରେ ପହଞ୍ଚିଛି ।

ଅନୁସୂଚିତ ଜନଜାତି ବର୍ଗ ବିକାଶ ପାଇଁ ୨୦୧୩-୧୪ ପରଠାରୁ ଏହା ମଧ୍ୟରେ ବଜେଟ୍‌ରେ ବ୍ୟୟବରାଦ ୫ ଗୁଣ ବୃଦ୍ଧି ପାଇଛି । ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ଅଭିଯାନ (ପିଏମ୍ ଜନମନ) ବିଶେଷକରି ଦୁର୍ବଳ ଆଦିବାସୀ ଗୋଷ୍ଠୀଙ୍କ ପାଇଁ ନ୍ୟାୟ, ମର୍ଯ୍ୟାଦା ଏବଂ ଉନ୍ନତିର ଏକ ଶକ୍ତିଶାଳୀ ମାଧ୍ୟମ ପାଲଟିଛି । ୧୧ଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ୭୫ଟି ସଂପ୍ରଦାୟ ଏହାଦ୍ୱାରା ସୁଫଳ ପାଉଛନ୍ତି ।

୪୭ଲକ୍ଷରୁ ଅଧିକ ଆଦିବାସୀ ଲୋକଙ୍କୁ ସୁଫଳ ପ୍ରଦାନ କରୁଥିବା ଏହି ଯୋଜନା ପାଇଁ ୨୪ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ଧରତ୍ରୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନରେ ୧୭ଟି ବିଭିନ୍ନ ମନ୍ତ୍ରଣାଳୟ ଦ୍ୱାରା ୨୫ଟି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି । ସ୍ୱାସ୍ଥ୍ୟ ଓ ଶିକ୍ଷା ଆଦି ବିଭିନ୍ନ କ୍ଷେତ୍ରରେ ଉନ୍ନତି ସହ ପ୍ରାୟ ୫ କୋଟି ଆଦିବାସୀଙ୍କୁ ଉନ୍ନତ ଜୀବିକା ନିର୍ବାହ ଲକ୍ଷ୍ୟ ନେଇ ୬୩ ହଜାରରୁ ଅଧିକ ଗ୍ରାମରେ ଭିତ୍ତିଭୂମି ବିକାଶ କରାଯାଇଛି ।

**Seba Parba Closing**

## ସ୍ୱତନ୍ତ୍ର ଶିବିର

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଡିଗ୍ରୀ ମହିଳା କଲେଜର ଏନ୍.ଏସ୍.ଏସ୍. ମହିଳା ୟୁନିଟ୍ ପକ୍ଷରୁ ସ୍ୱତନ୍ତ୍ର ଶିବିର ଜୁନାନି ଗ୍ରାମରେ ଆରମ୍ଭ ହୋଇଛି । ଶିବିରରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ଅଗ୍ନି ବିଭାଗ ପକ୍ଷରୁ ମକ୍‌ଡ୍ରିଲ୍, ସାଇବର ଅପରାଧ ଆଦି ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

## ଚଲୋ ଜିତେଁ ହେଁ

ଜାତୀୟ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର 'ଚଲୋ ଜିତେଁ ହେଁ' ପୁନର୍ବାର ମୁକ୍ତିଲାଭ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶୈଶବ ଆଧାରିତ ଏହି ଚଳଚ୍ଚିତ୍ରରେ ସ୍ୱାମୀ ବିବେକାନନ୍ଦଙ୍କ ଦର୍ଶନ ପ୍ରଦର୍ଶିତ କରାଯାଇଛି। 'ବସ୍ ୱହି ଜିତ୍ ହୈ ଜୋ ଦୁସ୍‌ରୋଁ କେ ଲିୟେ ଜିତେଁ ହେଁ।' ଅର୍ଥାତ୍ ସେମାନେ

ପ୍ରକୃତରେ ସଫଳ ଯେଉଁମାନେ ଅନ୍ୟମାନଙ୍କ ପାଇଁ ବଞ୍ଚିଥାନ୍ତି । ଚଳଚ୍ଚିତ୍ରରେ ପ୍ରତ୍ୟେକ ବ୍ୟକ୍ତିଙ୍କ ଅବଦାନ ପ୍ରତି ସେବାର ମୂଲ୍ୟବୋଧ ଏବଂ ସମ୍ମାନ ଜାଗ୍ରତ କରିବା ଲକ୍ଷ୍ୟ ନେଇ ଛାତ୍ରଛାତ୍ରୀଙ୍କୁ ମିଳିତ ଭାବେ ସ୍କ୍ରିନିଂ ଉପରେ ଗୁରୁତ୍ୱ ଦିଆଯାଇଛି । ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଏହି ଚଳଚ୍ଚିତ୍ରକୁ କଟକ, ଭୁବନେଶ୍ୱର ଓ ରାଉରକେଲାର ବିଭିନ୍ନ ସିନେମା ହଲ୍‌ରେ ପ୍ରଦର୍ଶନ ପାଇଁ ନିର୍ଦ୍ଦେଶ ଦେଇଛି । ନିସ୍ୱାର୍ଥପରତା, ସହାନୁଭୂତି ଏବଂ ରାଷ୍ଟ୍ର ପ୍ରତି କର୍ତ୍ତବ୍ୟର କାଳଜୟୀ ମୂଲ୍ୟବୋଧକୁ ଏହି ଚଳଚ୍ଚିତ୍ର ମାଧ୍ୟମରେ ଆଗାମୀ ପିଢ଼ିଙ୍କ ମଧ୍ୟରେ ସୁଦୃଢ଼ କରିହେବ ବୋଲି ବିଶ୍ୱାସ କରାଯାଉଛି । ଚଳଚ୍ଚିତ୍ର ଦେଖିବା ପରେ ଜଣେ ଦର୍ଶକ ପ୍ରତିକ୍ରିୟାରେ ଆକାଶବାଣୀକୁ କହନ୍ତି...

**- V/O -**